**ଅକ୍ଟୋବର ୧୭,୨୦୦୫ ସୋମବାର**

Google Search




## ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ସ୍ଥାନାନ୍ତରର ମିଳିତ ବିରୋଧ ହେଉ (ଚିଠିପତ୍ର)

ପ୍ରିୟ ସଂପାଦକ ମହୋଦୟ, ଓଡ଼ିଶା ଡ଼ଟ୍ କମ୍

ସଂପ୍ରତି, କେନ୍ଦ୍ର ସରକାର ଆମ ରାଜ୍ୟ ପ୍ରତି କରିଥିବା ଅନ୍ୟାୟ ଓ ଅବିଚାର ସଂପର୍କରେ, ମୁଁ ଆପଣଙ୍କ ଧ୍ୟାନ ଆକର୍ଷଣ କରୁଛି ।

ଏଇ ନିକଟରେ କେନ୍ଦ୍ର ସରକାର ଦୁଇଟି ଭାରତୀୟ ବିଜ୍ଞାନ ସଂସ୍ଥାନ (ଶିକ୍ଷା ଓ ଗବେଷଣା) ପୁନେ ଏବଂ କୋଲକାତାରେ ଖୋଲିବା ପାଇଁ ଘୋଷଣା କରିଛନ୍ତି ।

ଏହାସହ ପଢନ୍ତୁ
ଚିଠି ପତ୍ର

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ,ଡ଼ିସେମ୍ବର ୨୦୦୩ରେ ତତ୍କାଳିନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ ,ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

ତେବେ ନିକଟରେ ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅନୁସାରେ ଭୁବନେଶ୍ୱର ର କୌଣସି ଚିହ୍ନବର୍ଣ୍ଣ ନାହିଁ,ପଢିଲେ ଜଣାଯାଏ ପୂର୍ବଭଳି ଓଡ଼ିଶା କେନ୍ଦ୍ରର ଅବହେଳାର ଶିକାର ହୋଇଛି ।

ଆଗରୁ ଆମେ ଜନଶୃତି ରୁ ଶୁଣୁଥିଲୁ କିଭଳି ଓଡ଼ିଶା ପାଇଁ ଉଦ୍ଦିଷ୍ଟ ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ଖଡ଼ଗପୁର ରେ ପ୍ରତିଷ୍ଠିତ ହୋଇଛି । କିନ୍ତୁ ଏଥର ଆମ ପାଖରେ ପ୍ରମାଣ ଅଛି ।

ଏବେ ବି ଆପଣ ଇଣ୍ଟର ନେଟ୍ ମାଧ୍ୟମରେ ପଢିପାରିବେ । ୟୁଜିସିର ଘୋଷଣାନାମା ଓ ସରକାରଙ୍କ ପ୍ରେସ ବିବୃତ୍ତି ,ଯେଉଁଥିରେ ଭାରେତୀୟ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱର ରେ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ଉଲ୍ଲେଖ ଅଛି ।

ଯୁକ୍ତରାଷ୍ଟ୍ର ଆମେରିକାରେ ଏହାକୁ ସ୍ୱଷ୍ଟଦିବାଲୋକରେ ରାଜପଥରେ ଡ଼କାୟତି ଭାବେ ଗଣନା କରାଯାଏ । ଏ ସଂପର୍କରେ ଅଧିକ ଜାଣିବା ପାଇଁ ଆପଣ http://www.baral.us/orissa.html ପଢିପାରନ୍ତି ।

ଭାରତୀୟ ବିଜ୍ଞାନ ସଂସ୍ଥାନର ମହତ୍ତ୍ୱ ବୁଝିବାକୁ ହେଲେ,ବାଙ୍ଗାଲୋରର ଉଦାହରଣ ନିଆଯାଇପାରେ, ଏଠାରେ ଏହି ସଂସ୍ଥାନଟି ପ୍ରତିଷ୍ଠା ହୋଇଥିବାରୁ ଆଜି ବାଙ୍ଗାଲୋର ଭାରତର ଏକ ପ୍ରମୁଖ ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଭାବେ ଉଭା ହୋଇଛି ।

ଭାବନ୍ତୁ ତ ,ଯେଉଁ ଗୁଗୁଲ୍ ଓ ୟାହୁ ଭଳି ଆଇଟି ୱେବ ସାଇଟ୍ ଆଦି ନିୟୁତ ନିୟୁତ ଡ଼ଲାର ପୁଂଜି ବଜାର ଉପରେ ଠିଆ ହୋଇଛନ୍ତି ,ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟ ର ଛାତ୍ରମାନଙ୍କ ଦ୍ୱାରା ତାହା ଉଦ୍ଭାବିତ ହୋଇଥିଲା ।

ଏହି କମ୍ପାନୀମାନେ ଆଜି ହଜାର ହଜାର ଲୋକଙ୍କୁ ଚାକିରୀ ଯୋଗାଉଛନ୍ତି , ସେହି ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଭୌଗଳିକ ସୀମା ସରହଦ

ମଧ୍ୟରେ । ଏହି ଭଳି ଆପଣ ଅନେକ ଶିକ୍ଷା ଓ ଗବେଷଣା ସଂସ୍ଥାନ ମାନଙ୍କର ଉଦାହରଣ ପାଇପାରିବେ ପୃଥିବୀର ବିଭିନ୍ନ ଅଞ୍ଚଳରେ ।

ଏମିତି ଦେଖିଲେ, ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବର ଅନେକ ଉଦାହରଣ ସାଧିନଭୋର ଭାରତରେ ପାଇପାରିବେ ।

ଓଡ଼ିଶାରେ ଏବେ ମଧ୍ୟ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନାହିଁ ,ଏପରିକି ଆଇ. ଆଇ. ଟି,ଆଇ.ଆଇ. ଏମ୍ କିମ୍ବା ଏକ ସ୍ୱୟଂଶାସିତ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ନାହିଁ, ହଁ ଭାରତୀୟ ଭେଷଜ ବିଜ୍ଞାନ ସଂସ୍ଥା ବା ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡ଼ିକାଲ ସାଇନ୍ସ ପ୍ରତିଷ୍ଠା ପାଇଁ ଏକ ଘୋଷଣା ହୋଇଥିଲା ଗତ ବର୍ଷ ,କାହିଁ ଏ ପର୍ଯ୍ୟନ୍ତ କୌଣସି ପ୍ରଗତି ହୋଇନି ।

ବାସ୍ତବରେ ଆଇଆଇଏମ୍ଏସ୍ ଏକ ଉଚ୍ଚସ୍ତରୀୟ ଶିକ୍ଷା ଓ ଗବେଷଣ ସଂସ୍ଥାନ ନୁହେଁ, ତେବେ ଏହି ପରିପ୍ରେକ୍ଷିରେ ଭୁବନେଶ୍ୱରରେ ଭାରତୀୟ ବିଜ୍ଞାନ ସଂସ୍ଥାନ ଖୋଲିବା ପାଇଁ ପ୍ରସ୍ତାବ ରଖାଯାଇଥିଲା , ଯାହାକି ପରବର୍ତ୍ତୀ ଅବସ୍ଥାରେ (ଜାତୀୟ ବିଜ୍ଞାନ ସଂସ୍ଥାନ ଭାବେ ନାମିତ ହୋଇ ଥାଆନ୍ତା)।

ଅନ୍ୟ ପକ୍ଷରେ ଦେଖିଲେ ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ, ଯେଉଁଠି ବର୍ତ୍ତମାନ ଭାରତୀୟ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି, ସେହି ଦୁଇଟି ରାଜ୍ୟରେ ଭାରତୀୟ କାରିଗରୀ ବିଦ୍ୟା ସଂସ୍ଥାନ (ମୁମ୍ବାଇ ଓ ଖଡ଼ଗପୁର) ଭାରତୀୟ ପରିସଂଖ୍ୟାନ ସଂସ୍ଥା (କୋଲକାତା)ଭାରତୀୟ ମେନେଜ୍‌ମେଣ୍ଟ ସଂସ୍ଥାନ(କୋଲକାତା),ଏଫ୍ .ଏମ୍.ସି .(ପୁନେ),ଶାନ୍ତି ନିକେତନ ଠାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏହାଛଡ଼ା ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ତିନୋଟି ଲେଖାଏଁ ସ୍ୱୟଂଶାସିତ ବିଜ୍ଞାନ ଓ କାରିଗରୀ ବିଦ୍ୟା ସଂସ୍ଥାନ ରହିଛି ।

ଏହିଭଳି ପରିସ୍ଥିତିରେ ଆମେ ସାଧାରଣତଃ ରାଜ୍ୟ ସରକାରଙ୍କୁ ଦୋଷଦେବା, କିନ୍ତୁ ବର୍ତ୍ତମାନ ସେତିକି କରିଦେଲେ ହେବନି, ଓଡ଼ିଶା ରାଜ୍ୟର ସମସ୍ତ ରାଜନୈତିକ ଦଳ ଓ ସେ ସବୁ ଦଳ ସହ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷ ଏକାଠି ଏହି ଅନ୍ୟାୟର ପ୍ରତିବାଦ କରିବା ଆବଶ୍ୟକ ।

କେନ୍ଦ୍ରରେ ଥିବା ୟୁପିଏ ସରକାରଙ୍କୁ ବାହାରୁ ସମର୍ଥନ କରୁଥିବା ସି.ପି.ଆଇ.(ଏମ୍) ନିଜ ନିଜ ଦଳୀୟ ସ୍ତରରେ ଏହାର କେନ୍ଦ୍ରୀୟ ନେତୃତ୍ୱର ଦୃଷ୍ଟିକୁ ଆଣିବା ଦରକାର । କେବଳ ମୁଖ୍ୟମନ୍ତ୍ରୀ ଗୋଟେ ଦୁଇଟି ଚିଠି ଲେଖିଦେଲେ ଯଥେଷ୍ଟ ନୁହେଁ,ରାଜ୍ୟର ସାଂସଦମାନେଏ ନେଇ ସଂସଦରେ ପ୍ରତିବାଦ କରିବା ଆବଶ୍ୟକ।

ଏପର୍ଯ୍ୟନ୍ତକୌଣସି ସାଂସଦ ଲୋକସଭା ବା ରାଜ୍ୟସଭାରେ ଏହାର ପ୍ରତିବାଦକରିଥିବା ଜଣାଯାଉନାହିଁ । ମୋର ମନେ ହେଉଛି,ଆମର ରାଜନୈତିକ ପ୍ରତିନିଧି ଏପରିକି ଖୋଦ ପ୍ରଧାନମନ୍ତ୍ରୀ ମିଳିତ ସରକାର ଓ ମେଣ୍ଟ ରାଜନୀତି ଦ୍ୱାରା କବଳିତ, ତେଣୁ ଆମେ ଏହି ଅବିଚାରର ଅହିଂସା ଓ ଶାନ୍ତିପୂର୍ଣ୍ଣ ରାସ୍ତା ଦ୍ୱାରା କିପରି ବିରୋଧ ହୋଇପାରେ ଦେଖାଇ ଦେଇପାରିବା ।

ଆସନ୍ତୁ ଆମେ ସମସ୍ତେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କଂଗ୍ରେସ ଦଳ ଅଧକ୍ଷାଙ୍କୁ ଏହି ବିଷୟ ଲେଖି ପ୍ରତିବାଦ କରିବା ।

ଏହା ସହ ସମସ୍ତ ଜାତୀୟ ସ୍ତରୀୟ ପତ୍ରପତ୍ରିକା ମାନଙ୍କୁ ଚିଠି ଲେଖି ଆମ ରାଜ୍ୟ ପ୍ରତି ହେଉଥିବା ବିଭିନ୍ନ ଅନ୍ୟାୟ ଓ ଅବିଚାର ବିରୋଧରେ ସ୍ୱରଉତ୍ତୋଳନ କରିବା ।

ଆମ ଗଣତନ୍ତ୍ରର ଏକ ଦିଗ ହେଲା ଯେଉଁ ରାଜ୍ୟ ରାଜନୈତିକ ଭାବେ ଶକ୍ତିଶାଳୀ ତଥା ଶାସକ ଦଳର ଯେଉଁ ରାଜ୍ୟରୁ ଅଧିକ ସାଂସଦ ଥାନ୍ତି ସେମାନେ ଗରିବ ବା ଦୁର୍ବଳ ରାଜ୍ୟକୁ ସମସ୍ତ ପ୍ରକାର ଅବହେଳା କରନ୍ତି ।

ଯାହା ଫଳରେ ଗରିବ ରାଜ୍ୟ ଆହୁରି ଗରିବ ହେବା ସଂଗେସଂଗେ ଅନ୍ୟ ରାଜ୍ୟ ଗୁଡ଼ିକ ଶକ୍ତିଶାଳୀ ହୋଇ ଯୋଜନାର ସିଂହ ଭାଗ ନେଇଯାଆନ୍ତି ।

ଆମେ ଏଥି ପାଇଁ ଭିକ୍ଷା କରୁନାହୁଁ । ଏହା ଆମର ହକ ଅଧିକାର । ଆଗରୁ ଆମ ରାଜ୍ୟ ସରକାର ମାନଙ୍କ ଉଦ୍ୟମରେ(ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ ମେନେଜମେଣ୍ଟ ଓ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇଛି । କିନ୍ତୁ ଏଭଳି ସଂସ୍ଥାନ ଥାଇ ମଧ ଆମ ରାଜ୍ୟରେ ଆଇଆଇଟି, ଆଇଆଇଏମ୍,ଆଇଆଇଏସ୍‌ସି ଓ କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଲା ନାହିଁ ।

ଏଥି ପାଇଁ ଆମ ଭଳି ଗରିବ ରାଜ୍ୟ ପ୍ରତି ଅନ୍ୟାୟ ଓ ଅବିଚାର କରାଯାଇଥିବା କୁହାଯାଏ । ପ୍ରଧାନମନ୍ତ୍ରୀଙ୍କ ସମେତ ଯେଉଁମାନେ ଏହି ନିଷ୍ପତ୍ତି ସହ ସଂପୃକ୍ତ ସେମାନେ ଏଥି ନେଇ ଲଜ୍ୟା ବୋଧ କରିବା ଆବଶ୍ୟକ । ଯଦି ସେମାନଙ୍କର ବିବେକ ଥାଏ ତେବେ ତୁରନ୍ତ ସେମାନେ ଏ ନିଷ୍ପତ୍ତିର ପୁର୍ନବିଚାର କରିବା ଆବଶ୍ୟକ ।

କୋଲକାତା ଓ ପୁନେରେ ଆଇଆଇଏସ୍‌ସି ପ୍ରତିଷ୍ଠା ହେଉ ଆମେ ସ୍ୱାଗତ କରୁଛୁ , କିନ୍ତୁ ଓଡ଼ିଶା ଭଳି ଗରିବ ଓ ପଛୁଆ ରାଜ୍ୟ ପ୍ରତି ଏ ଅବିଚାର କାହିଁକି ? ଆମକୁ ଆମର ବାଞ୍ଛିତ ଆଇଆଇଏସ୍‌ସି ଦିଅନ୍ତୁ ଯାହା ପାଇଁ ଓଡ଼ିଶା ଯୋଗ୍ୟ ।

ଆମର ପୁଅ,ଝିଅ,ଭାଇ ଭଉଣୀଙ୍କୁ ଓଡ଼ିଶାରେ ରହିବାକୁ ସୁଯୋଗ ଦିଅନ୍ତୁ ଯେଉଁମାନେ ଅଧିକ ସୁଯୋଗ ଓ କାମଧନ୍ଦା ଆଶାରେ ବାଙ୍ଗାଲୋର,କୋଲକାତା, ତଥା ବିଦେଶ ଯାଉଛନ୍ତି ।

ଯେଉଁ ଦିନ ପର୍ଯ୍ୟନ୍ତ ନିଷ୍ପତ୍ତିର ପୁର୍ନବିଚାର ହୋଇନି, ସେ ଦିନ ପର୍ଯ୍ୟନ୍ତ ଆମେ ଶାନ୍ତିରେ ନିଶ୍ୱାସ ନେବୁ ନାହିଁ ।

ଆମର ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆମର ଦୁର୍ବଳତା ନୁହେଁ ବରଂ ଦୃଢ ମନୋବଳ ଓ ଶକ୍ତିର ଉତ୍ସ ହେବା ଆବଶ୍ୟକ । ଗାନ୍ଧୀଙ୍କ ଭଳି ଆମେ ଶାନ୍ତି ଓ ଦୃଢ ମନ ନେଇ ଏହାର ପ୍ରତିବାଦ କରିବା ଆବଶ୍ୟକ ।

ବରଂ ଚିଠି, ଫ୍ୟାକ୍ସ, ଇ-ମେଲର ସାହାଯ୍ୟ ନେଇ ଅଶୀ ଠାରୁ ମସୀ ବଡ଼ ଦେଖାଇବାକୁ ହେବ । ଶହ ଶହ ହଜାର ହଜାର ଚିଠିର ଅନେକ ପ୍ରଭାବ ପଡ଼ିବ । ତାହା ହିଁ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ନିଷ୍ପତ୍ତି ପରିବର୍ତ୍ତନ କରିବାରେ ବାଧ୍ୟ କରିବ ।

ଆମେ କେବେ ବି ଭାବିବା ଉଚିତ ନୁହେଁ ଯେ , ଏ କାର୍ଯ୍ୟ ଟି ଅନ୍ୟ କେହି କରିବ, ନିଜେନିଜେ ହିଁ ଏ ନେଇ ତତ୍ପରତା ପ୍ରକାଶ କରି ଆଗକୁ ଆସିବା ଦରକାର । ଯାହ ଫଳରେ ଆମ ଭବିଷ୍ୟତ ବଂଶଧରଙ୍କୁ ଆମେ ରାସ୍ତା ଦେଖାଇ ପାରିବା । ସେମାନେ କେଉଁ ପରିସ୍ଥିତିରେ ବି ଭାବିବା ଉଚିତ ନୁହେଁ ଯେ, ଆମେ ବୋକା ଓ ଅକର୍ମ ଥିଲେ ।

ଏହା ଭାବି ସେମାନେ ନିଜକୁ ଲଜ୍ୟାବୋଧ କରିବେ । ଆମେ ଅତ୍ୟନ୍ତ ଦୃଢ ଚିତ୍ତରେ, ଦୃଢ ମନରେ ନେଇ ଏ କାର୍ଯ୍ୟଟି କରି ଛାତି ଫୁଲେଇ କହି ପାରିବା । ହଁ ଓଡ଼ିଶାରେ ଜାତୀୟ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପ୍ରସ୍ତାବ ରଖି , ପୁଣି ପ୍ରତ୍ୟାହାର କରିବାରୁ ଆମେ ଓଡ଼ିଆ ମାନେ ଏହାର ଦୃଢ ବିରୋଧ କଲୁ ଏବଂ ଓଡ଼ିଶାରେ ସଂସ୍ଥାନଟି ପ୍ରତିଷ୍ଠା ହେଲା, କେନ୍ଦ୍ର ସରକାର ନିଷ୍ପତ୍ତିର ପୁର୍ନବିଚାର କରି ମଥାନତ କଲେ ।

ତେଣୁ ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ଏକାଠି ହେଉ , ଏକା ସ୍ୱରରେ ଯିଏ ଯେଉଁଠି ଅଛି ନା କାହିଁକି ବିଭିନ୍ନ ସ୍ତରରେ ଦସ୍ତଖତ ସଂଗ୍ରହ କରି ସ୍ମାରକ ପତ୍ର ଓ ପ୍ରତିବାଦ ଚିଠି କେନ୍ଦ୍ର ସରକାର ଓ କର୍ତ୍ତୃପକ୍ଷଙ୍କୁ ପଠାଇବା ପାଇଁ ଆଗଭର ହୁଅନ୍ତୁ ।

ଗଣମାଧ୍ୟମର ଏ କ୍ଷେତ୍ରରେ ବିଶେଷ ଭୂମିକା ରହିଛି, ଯିଏ ଏ ଅନ୍ୟାୟ ସଂପର୍କରେ ଜନସଚେତନ ସୃଷ୍ଟି କରିପାରିବ ।

ସମ୍ମାନ ଓ ସଦିଚ୍ଛା ସହ
ଧୀରେନ୍ଦ୍ର କର
-----------
ଧୀରେନ୍ଦ୍ର କୁମାର କର
ଉପ-ସଭାପତି
ଓଡ଼ିଶା ସୋସାଇଟି ଅଫ ଆମେରିକା(ଓଏସ୍‌ଏ)
ଫୋନ(୭୮୧-୯୨୯-୬୬୫୮)
ଇ-ମେଲ-
୧୦୬
ଏନ୍‌ସି-୨୭୫୬୦, ୟୁଏସ୍‌ଏ

(ଓଡ଼ିଶା ଡ଼ଟ୍ କମ୍)

## ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍‌ୱାର କାମିଜ୍ - ଶାଢ଼ୀ - ସାରଙ୍ଗ୍ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍




Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା